# କୋଇଲା ଖଣି ଆବଣ୍ଟନ କଲେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ,୧୨।୧/ଏଜେନ୍ସି:**

କେନ୍ଦ୍ର ସରକାର ଆଜି ବାଣିଜ୍ୟିକ କୋଇଲା କ୍ଷେତ୍ରର ସଫଳ ବିଡର୍‌ମାନଙ୍କୁ ଆଲୋକେସନ୍ ଲେଟର୍ (ଅନୁମତି ପତ୍ର) ପ୍ରଦାନ କରିଛନ୍ତି। ୨୦୨୦ ଅକ୍ଟୋବର ଓ ନଭେମ୍ବରରେ ଅନୁଷ୍ଠିତ ବାଣିଜ୍ୟିକ କୋଇଲା ଖଣିର ନିଲାମରେ ଲିଡ୍ ପାଇଥିବା ବିଡରମାନଙ୍କୁ ଏହି ଏହି ଆଲୋକେସନ ଲେଟର ମିଳିଛି। ଓଡ଼ିଶାର ଏକମାତ୍ର କମ୍ପାନୀ ଯାଜଦାନୀ ଏହି ଲେଟର ପାଇଛି। ଦେଶରେ ପ୍ରଥମ ଥର ପାଇଁ ବାଣିଜ୍ୟିକ କୋଇଲା ଖଣିର ସଫଳ ବିଡର୍‌ମାନଙ୍କ ସହିତ ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ସରକାର କୋଇଲା କ୍ଷେତ୍ରରେ ସ୍ୱଚ୍ଛତା ଆଣିବାକୁ ଚେଷ୍ଟା ଜାରିରଖିଛନ୍ତି। ଭାରତର ୫ ଟ୍ରିଲିୟନ ଡଲାର୍‌ର ଅର୍ଥନୀତିରେ କୋଇଲା କ୍ଷେତ୍ରର ବଡ଼ ଅବଦାନ ରହିବ। ସେ ପୂର୍ବ ସରକାରକୁ ସମାଲୋଚନା କରି କହିଛନ୍ତି ଯେ ଏହି କ୍ଷେତ୍ରରେ ଆଗରୁ କେବଳ ଘୋଟାଲା ଶୁଣାଯାଉଥିଲା। ଏହି କାରଣ ଯୋଗୁଁ କୋଇଲା କ୍ଷେତ୍ରରେ ସ୍ୱଚ୍ଛତା ଆସିପାରୁ ନଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର କୋଇଲା କ୍ଷେତ୍ରରେ ସ୍ୱଚ୍ଛତା ଆଣିବାକୁ ଚେଷ୍ଟାକଲେ। ଏବେ ଏହି କ୍ଷେତ୍ରରେ କେବଳ ବଡ଼ କର୍ପୋରେଟ୍ ନୁହେଁ, ଛୋଟ ବ୍ୟବସାୟିକ ସଂସ୍ଥାକୁ ମଧ୍ୟ ସୁଯୋଗ ଦିଆଯାଉଛି। ଆତ୍ମନିର୍ଭର ଭାରତ ପ୍ରଧାନମନ୍ତ୍ରୀଙ୍କର ସ୍ୱପ୍ନ। ଆମ ପାଖରେ ଶିକ୍ଷିତ ଯୁବଗୋଷ୍ଠୀ ଅଛନ୍ତି, କୁଶଳୀ ଶ୍ରମିକ ଅଛନ୍ତି। ସେମାନଙ୍କର ଯୋଗ୍ୟତାକୁ ଆଧାରକରି ଆତ୍ମନିର୍ଭର ଯୋଜନା ସଫଳ ହେବ। ସେ ଆହୁରି କହିଲେ ଯେ କେବଳ କୋଇଲା କ୍ଷେତ୍ରନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ଦେଶ ଆତ୍ମନିର୍ଭରଶୀଳ ହେବ। ଶକ୍ତିକ୍ଷେତ୍ରରେ କୋଇଲାର ଅବଦାନ ୭୨ ପ୍ରତିଶତ। ଆମକୁ ସବୁଜ ଶକ୍ତି ଉପରେ ଜୋର ଦେବାକୁ ହେବ। ଆମଦେଶରେ କୋଇଲାର ଭଣ୍ଡାର ରହିଛି। ଆମକୁ ତାହାର ଉପଯୋଗ କରିବାକୁ ପଡ଼ିବ ବୋଲି ଶ୍ରୀ ଶାହ କହିଥିଲେ।

▶▶ ୭



- **ଓଡ଼ିଶାର ଏକମାତ୍ର କମ୍ପାନୀ ୟାଜ୍‌ଦାନୀକୁ ମିଳିଲା ଅନୁମତି ପତ୍ର**
- **ରାଜ୍ୟମାନେ ପାଇବେ ବାର୍ଷିକ ୬,୬୫୬ କୋଟିର ରାଜସ୍ୱ**

NITIDIN
Wed, Jan 13, 2021
http://odishanewsnitidin.com